ପ୍ରେସ୍‌ନୋଟ୍

## ଜୀବ ନିଷ୍ଠୁରତା ନିବାରଣ ଆଇନ୍ ସମ୍ପର୍କିତ କର୍ମଶାଳା ।

ଅନୁଗୋଳ, ତା.୧୩.୦୪: ଗତକାଲି ପୂର୍ବାହ୍ଣରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜୀବ ନିଷ୍ଠୁରତା ନିବାରଣ ଆଇନ୍ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରଜନୀ କାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନୁଷ୍ୟ ଏବଂ ପ୍ରାଣୀଜଗତ ଭିତରେ ସନ୍ତୁଳନ ନ ରହିଲେ ପ୍ରକୃତି ଆମକୁ କେବେ କ୍ଷମା ଦେବ ନାହିଁ, ଏହାର ଉଦାହରଣ ନିକଟ ଅତିତରେ କରୋନା ଭାଇରସ ଭଳି ଭୟାବହତାକୁ ବିଶ୍ୱବାସୀ ଅଙ୍ଗେ ଅଙ୍ଗେ ଲିଭାଇଛନ୍ତି । ତେଣୁ ଭାରତୀୟ ସଂସ୍କୃତିର ଜୀବେଦୟା ଭାବକୁ ପ୍ରତ୍ୟେକ ଊଣା ଅଧିକେ ଉପଲବଧି କରି ଜୀବ ନିଷ୍ଠୁରତାକୁ ରୋକିବା ଦିଗରେ ପ୍ରୟାସ କରିବା ଉଚିତ୍ ବୋଲି କର୍ମଶାଳାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ଠାରୁ ଅତିରିକ୍ତ ଜିଲ୍ଲାପାଳ ଆଶାପୋଷଣ କରିଥିଲେ । ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରତାପ କୁମାର ପଟ୍ଟନାୟକ ଜୀବ ନିଷ୍ଠୁରତା ଆଇନର ବିଭିନ୍ନ ଦିଗ ଉପରେ ଉପସ୍ଥିତ ସଭ୍ୟ ମାନଙ୍କୁ ଅବଗତ କରାଇଥିଲେ । ପ୍ରାଣୀ ମାନଙ୍କୁ ହେଉଥିବା ବିଭିନ୍ନ ଅତ୍ୟାଚାରରୁ ପ୍ରତିହତ କରିବା,ପ୍ରାଣୀମାନଙ୍କ ପ୍ରତି ମାନବ ସମାଜ ଅଧିକ ସମ୍ବେଦନଶୀଳ ହେବା ଏବଂ ଏହାଦ୍ୱାରା ଉଭୟ ମାନବ ସମାଜ ଓ ଜୀବଜଗତ କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ଡ. ପଟ୍ଟନାୟକ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ ଦାସ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ ,ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ,ଜଙ୍ଗଲ ବିଭାଗର ଅଧିକାରୀ,ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ତାଙ୍କ ସହିତ ସଂଶ୍ଳିଷ୍ଟ ବ୍ୟକ୍ତି/ଅନୁଷ୍ଠାନ ତଥା ପ୍ରାଣୀ ଚିକିତ୍ସକ ମାନେ ଉପସ୍ଥିତ ଥିଲେ । ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୨୯୯ ତା.୧୩.୦୪.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

13/4/2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.04.13 12:54


DISTRICT LEVEL AWARENESS PROGRAMME
ON PCA ACT & RULES
Venue: Conference Hall, Collectorate, Angul
ଜିଲ୍ଲା ପ୍ରଶାସନ, ଅନୁଗୋଳ
OPPO Reno7 5G
2023.04.12 10:38


DISTRICT LEVEL AWARENESS PROGRAMME
ON PCA ACT & RULES
Venue: Conference Hall, Collectorate, Angul
Date : 12.04.2023
Organised by: District SPCA, Angul
Courtesy : Animal Resource Development Department, Angul
ଜିଲ୍ଲା ପ୍ରଶାସନ, ଅନୁଗୋଳ


ANGUL
ଜିଲ୍ଲା ପ୍ରଶାସନ, ଅନୁଗୋଳ
OPPO Reno7 5G
2023.04.12 12:04